## ନାବାଳିକା ଅପହରଣ ଅଭିଯୋଗ

ଭଣ୍ଡାରିପୋଖରୀ,(ସ୍ୱ.ପ୍ର.)-ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନା ଅଧୀନ ବୟାବନାପୁର ଅଞ୍ଚଳରୁ ଜଣେ ୧୬ ବର୍ଷୀୟା ନାବାଳିକା ଅପହରଣ ନେଇ ଅଭିଯୋଗ ହୋଇଛି। ଗତ ୭ ତାରିଖରୁ ତାଙ୍କ ଝିଅ ଅପହରଣ ହୋଇଥିବା ନାବାଳିକାଙ୍କ ମା' ଥାନାରେ ଅଭିଯୋଗ କରିଛନ୍ତି। ଉକ୍ତ ଅଞ୍ଚଳର ଜଣେ ଯୁବକ ତାଙ୍କ ଝିଅକୁ ଭଲ ପାଉଥିବା ବେଳେ ସେ ହିଁ ଅପହରଣ କରିଥିବା ଏତଲାରେ ଦର୍ଶାଇଛନ୍ତି। ପୋଲିସ ଏକ ମାମଲା (ନଂ.୧୩୮/୨୩) ରୁଜୁ କରି ବିଭିନ୍ନ ସ୍ଥାନରେ ଅନୁସନ୍ଧାନ ଜାରି ରଖିଛି।

## ସଂକ୍ଷେପରେ

### ଜିଲାପାଳ, ଏସ୍‌ପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି

ନୀଳଗିରି, ୯।୫(ସ୍ୱ.ପ୍ର.)

ବାଲେଶ୍ୱର ଜିଲାପାଳ ଓ ଜିଲା ଆରକ୍ଷୀ ଅଧୀକ୍ଷକଙ୍କ ଯୁଗ୍ମ ଜନଶୁଣାଣୀ ଶିବିର ସୋମବାର ନୀଳଗିରି ବ୍ଲକ ସମ୍ମିଳନୀ କକ୍ଷ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ପଞ୍ଚାୟତରୁ ମୋଟ୍ ୯୫ଟି ଅଭିଯୋଗକୁ ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେ ଓ ଜିଲା ଆରକ୍ଷୀ ଅଧୀକ୍ଷକ ସାଗରିକା ନାଥ ଶୁଣାଣି କରିଥିଲେ। ଅଧିକାଂଶ ଅଭିଯୋଗ ଏମ୍‌ଜିଏନଆରଇଜିଏସ୍ କାର୍ଯ୍ୟ ଉପରେ ରହିଥିବା ବେଳେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ବାର୍ଦ୍ଧକ୍ୟଭତ୍ତା, ବିଦ୍ୟୁତ୍, ଜମିଜମା ସଂକ୍ରାନ୍ତୀୟ, କୃଷି ଓ ଜଳସେଚନ, ରାସ୍ତାଘାଟ, ଡ୍ରେନେଜ୍ ଆଦି ସାମୂହିକ ଅଭିଯୋଗ ଆସିଥିଲା। ସମସ୍ତ ଅଭିଯୋଗକୁ ଶୁଣାଣି କରି ତୁରନ୍ତ ପଦକ୍ଷେପ ନେବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଓ ପରାମର୍ଶ ଦେଇଥିଲେ। ଶିବିରରେ ବାଲେଶ୍ୱର ଅତିରିକ୍ତ ଜିଲାପାଳ ନୀଲୁ ମହାପାତ୍ର, ଜିଲା ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ, ଜିଲା ପରିଷଦ ବିଶ୍ୱରଞ୍ଜନ ନାୟକ, ଜିଲା ମୁଖ୍ୟ ଚିକିତ୍ସାଳୟର ଡା. ଏସ୍. ଏସ୍. ଚୌଧୁରୀ, ନୀଳଗିରି ଉପଜିଲାପାଳ ମନ୍ଦରଧର ମହାଳିକ, ନୀଳଗିରି ତହସିଲଦାର ରଞ୍ଜନ ବେହେରା, ବିଧାୟକଙ୍କ ପ୍ରତିନିଧି ଉପେନ୍ଦ୍ର ଦାସ, ନୀଳଗିରି ବ୍ଲକ ଅଧକ୍ଷା ଶୁଭଲକ୍ଷ୍ମୀ ମାଝିଙ୍କ ସମେତ ବହୁ ପଦସ୍ଥ ଅଧିକାରୀ, ଗଣମାଧମ ପ୍ରତିନିଧିଙ୍କ ସମେତ ବହୁ ପଞ୍ଚାୟତରୁ ଆସିଥିବା ବହୁ ହିତାଧିକାରୀ ଉପସ୍ଥିତ ଥିଲେ।

### ପାଇକସିଦାରେ 'ନିଶାକୁ ନା' କାର୍ଯ୍ୟକ୍ରମ

ଜଳେଶ୍ୱର, ୯।୫(ଡି.ଏନ.ଏ.)-ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକର ବିଭିନ୍ନ ସ୍ଥାନରେ ବ୍ୟାପକ ନିଶା କାରବାର ଚାଲିଥିବାରୁ ତାର ପ୍ରତିରୋଧ ଲାଗି କେତେକ ସାମାଜିକ ସଙ୍ଗଠନ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ସେଥିରୁ ବିଶ୍ୱାସ ସାମାଜିକ ସଙ୍ଗଠନ ବିଭିନ୍ନ ସ୍ଥାନରେ ନିଶା ବିରୋଧରେ ସଚେତନତା ସୃଷ୍ଟି ଲାଗି କାର୍ଯ୍ୟକ୍ରମ ଆରମ୍ଭ କରିଛି। ପାଇକସିଦା ଗାଁରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍ଥାନୀୟ ବହୁ ମହିଳା, ବରିଷ୍ଠ ନାଗରିକ ଯୋଗ ଦେଇଥିଲେ। ନିଶା ଦ୍ୱାରା ଅତିଷ୍ଠ ହୋଇ ସେମାନେ ନିଶା ବ୍ୟବହାର କରୁଥିବା ଓ ବିକ୍ରି କରୁଥିବା ବ୍ୟକ୍ତିବିଶେଷଙ୍କ ଉପରେ କାର୍ଯ୍ୟକ୍ରମ ଲାଗି ଅଣ୍ଟା ଭିଡିଛନ୍ତି। ବିଶ୍ୱାସର ସାଧାରଣ ସମ୍ପାଦକ ସଂଗ୍ରାମ କେଶରୀ ପରିଡାଙ୍କ ଅଧକ୍ଷତାରେ ପାଇକସିଦା ଗାଁରେ ନିଶାକୁ ନାଁ, ମା'ଙ୍କୁ ସମ୍ମାନ ସଂକଳ୍ପ ଯାତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ପାଇକସିଦା ଗାଁଠାରୁ କେଶପୁରା ଯାଏ ଶୋଭାଯାତ୍ରା ଦ୍ୱାରା ନିଶାମୁକ୍ତ ସମାଜ ଗଠନର ନାରା ଦିଆଯାଇଥିଲା। ମୁଖ୍ୟଅତିଥି ଭାବେ ସରପଞ୍ଚ ସରସ୍ୱତୀ ସେଠୀ, ଶଶାଙ୍କ ଆଚାର୍ଯ୍ୟ, ସମିତିସଭ୍ୟ ନମିତା ଜେନା, କାହ୍ନୁଚରଣ ମହାନ୍ତି, କାଞ୍ଚନ ନାୟକ, ପର୍ଶୁରାମ ସେନାପତି, ନାରାୟଣ ଚନ୍ଦ୍ର ସାହୁ ପ୍ରମୁଖ କିଛିଦିନ ପୂର୍ବେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ନିଶା ସଚେତନତା କାର୍ଯ୍ୟକ୍ରମ ସମ୍ପର୍କରେ କହିଥିଲେ।

### ଯୌତୁକ ନିର୍ଯାତନା ଅଭିଯୋଗ

ଭଣ୍ଡାରିପୋଖରୀ, ୯।୫ (ସ୍ୱ.ପ୍ର.)-ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକର ପାଟୁଳି ଗ୍ରାମର ସାବିତ୍ରୀ ପାଲ ନାମ୍ନୀ ବଧୂ ତାଙ୍କୁ ଯୌତୁକ ନିର୍ଯାତନା ନେଇ ଥାନାରେ ଅଭିଯୋଗ କରିଛନ୍ତି। ଚାରିବର୍ଷ ପୂର୍ବେ ସେ ବୈଦିକ ରୀତିରେ ଏହି ଗ୍ରାମର ଜଣେ ଯୁବକଙ୍କୁ ବିବାହ କରିଥିଲେ। ପରେ ଅଧିକ ଯୌତୁକ ପାଇଁ ସ୍ୱାମୀଙ୍କ ସମେତ ଶାଶୁ ଓ ଶ୍ୱଶୁର ତାଙ୍କୁ ନିର୍ଯାତନା ଦେଇଆସୁଥିବା ସାବିତ୍ରୀ ଏତଲାରେ ଦର୍ଶାଇଛନ୍ତି। ଏନେଇ ପୋଲିସ ଏକ ମାମଲା (ନଂ.୧୪୧/୨୩) ରୁଜୁ କରି ତଦନ୍ତ ଚଳାଇଛି।

# ମାପଚୁପ ପରେ ଚିହ୍ନଟ ପ୍ରକ୍ରିୟା ଆରମ୍ଭ

## ଜୁଡ଼ିଆ-ବେଲଦା ରାସ୍ତା ହେବ ୪ ଥାକିଆ

କେନ୍ଦୁଝର,୯।୫(ସ୍ୱ.ପ୍ର.)

କେନ୍ଦୁଝର ସହର ଦେଇ ଯାଇଥିବା ଜୁଡ଼ିଆ-ବେଲଦା ରାସ୍ତାକୁ ୪ ଥାକିଆ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଏହି ରାସ୍ତା ପୂର୍ବରୁ ଜାତୀୟ ରାଜପଥ ପ୍ରାଧିକରଣ ଅଧୀନରେ ରହିଥିଲା। ଜାତୀୟ ରାଜପଥ ନଂ.୪୯ର ବାଇପାସ୍‌ରେ ଗାଡ଼ି ଚଳାଚଳ ପରେ ପୂର୍ତ୍ତ ବିଭାଗକୁ ୨୦୨୨ ଜୁଲାଇ ୩୦ରେ ହସ୍ତାନ୍ତର ହୋଇଥିଲା। ହସ୍ତାନ୍ତର ପରେ ଜାତୀୟ ରାଜପଥ ପ୍ରାଧିକରଣ ରାସ୍ତା ମରାମତି ବାବଦକୁ ୧୨ କୋଟି ଟଙ୍କା ପ୍ରଦାନ କରିଥିଲା। ରାସ୍ତା ଗମନାଗମନ ଅନୁପଯୋଗୀ ଏବଂ ଯାତାୟତରେ ସମସ୍ୟା ଯୋଗୁ ପୂର୍ତ୍ତ ବିଭାଗ ପକ୍ଷରୁ ପିଚୁ କାମ କରାଯାଇଛି। ଏବେ ଏହି ୧୧କି.ମି. ରାସ୍ତାକୁ ୪ ଥାକିଆ କରିବାକୁ ଲକ୍ଷ୍ୟ ରଖାଯାଇଛି। ମଙ୍ଗଳବାରଠାରୁ ପ୍ରାଥମିକ ଭାବେ ତହସିଲ ଏବଂ ପୌରପାଳିକା ପକ୍ଷରୁ ବଡହଳ ଛକଠାରୁ ତେଲକୋଇ ବସଷ୍ଟପ୍ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ମାପଚୁପ କରାଯାଇ ଚିହ୍ନଟ କରାଯାଇଛି। ରାସ୍ତାଟି ଅନେକ ସ୍ଥାନରେ ଅବରୋଧ ମୁକ୍ତ ଥିବାବେଳେ ୨୦ ମିଟରରୁ ୨୫ ମିଟର ଚଉଡ଼ା ଥିବାରୁ ୪ ଥାକିଆ ହେଲେ ବିଶେଷ ଅସୁବିଧା ନାହିଁ। ଖୁବ୍‌ଶୀଘ୍ର ପ୍ରଶାସନ ପକ୍ଷରୁ ଜବରଦଖଲ ଉଚ୍ଛେଦ କରାଯାଇ ୧ କି.ମି. ଡ୍ରେନ୍ କାର୍ଯ୍ୟ କରାଯିବ। ପରେ ଅବଶିଷ୍ଟ ଡ୍ରେନ୍ କରାଯିବ। ରାସ୍ତାରେ ପିଚୁ ପଡ଼ିବା ପରେ ଡ୍ରେନ୍ ନ ଥିବାରୁ ବର୍ଷା ଋତୁରେ ପାଣି ଜମି ରହି ରାସ୍ତା ନଷ୍ଟ ହେବା ଆଶଙ୍କା ରହିଛି। ପୂର୍ତ୍ତ ବିଭାଗ ପକ୍ଷରୁ ଏହାକୁ ଦୃଷ୍ଟିରେ ରଖି ଯୁଦ୍ଧକାଳୀନ ଭିତ୍ତିରେ ଡ୍ରେନ୍ କାର୍ଯ୍ୟ ୨ ମାସ ମଧ୍ୟରେ ଶେଷ କରାଯିବ ବୋଲି ସୂଚନା ମିଳିଛି।

କେନ୍ଦୁଝର ସହରରେ ଜନସଂଖ୍ୟା ବୃଦ୍ଧି ସହ ବାହାର ଅଞ୍ଚଳର ଲୋକ ମଧ୍ୟ ବିଭିନ୍ନ କାମରେ ଆସିଥାନ୍ତି। ସେହିପରି ଦିନକୁ ଦିନ ଗାଡିମୋଟର ସଂଖ୍ୟା ମଧ୍ୟ ବୃଦ୍ଧି ପାଉଛି। ତେବେ ସହର ମଧ୍ୟରେ ରାସ୍ତା ଅଣଓସାରିଆ ଥିବାରୁ ରାସ୍ତା ଜାମ୍ ନିତିଦିନିଆ ଘଟଣାରେ ପରିଣତ ହୋଇଛି। ବଡ଼ ବଡ଼ ମାର୍କେଟ କମ୍ପ୍ଲେକ୍ସ ବିନା ପାର୍କିଂରେ ଘର ନିର୍ମାଣ କରିଥିବାରୁ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ଏହି ପ୍ରମୁଖ ରାସ୍ତାରେ ଦୁର୍ଘଟଣା ଘଟି ଅନେକ ସମୟରେ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେଉଛି। ଏହି ରାସ୍ତାକୁ ୪ ଥାକିଆ କରିବା ପାଇଁ ସହରବାସୀ ଦୀର୍ଘ ଦିନ ହେବ ଜିଲାପାଳଙ୍କ ନିକଟରେ ଦାବି କରି ଆସୁଛନ୍ତି। ଏବେ ପ୍ରଶାସନ ପକ୍ଷରୁ ସରକାରୀ ଜାଗା ଚିହ୍ନଟ କରିବା ପ୍ରକ୍ରିୟା ଆରମ୍ଭ ପରେ ଦୀର୍ଘ ଦିନର ଦାବି ପୂରଣ ହେବ ବୋଲି ଆଶା କରାଯାଉଛି। ରାସ୍ତାଟି ୪ ଥାକିଆ ହେଲେ ସହରର ସୌନ୍ଦର୍ଯ୍ୟକରଣ ହେବା ସହ ଟ୍ରାଫିକ ସମସ୍ୟାରୁ ଲୋକେ ମୁକ୍ତି ପାଇବେ। ବର୍ଷା ହେଲେ ସହର ମଧ୍ୟରେ ଜଳ ନିଷ୍କାସନ ଏକ ପ୍ରମୁଖ ସମସ୍ୟା ହେଉଥିବାବେଳେ ଡ୍ରେନ୍ ନିର୍ମାଣ ହେଲେ ଏହାର ସ୍ଥାୟୀ ସମାଧାନ ହୋଇପାରିବ।

ଉଲ୍ଲେଖଯୋଗ୍ୟ, ଧରଣୀଧର ସରକାରୀ ମେଡିକାଲ କଲେଜ ଏବଂ ଧରଣୀଧର ବିଶ୍ୱବିଦ୍ୟାଳୟ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇସାରିଛି। ଚଳିତ ବର୍ଷଠାରୁ ଏହା ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହେବ। ଧରଣୀଧର ସରକାରୀ ମେଡିକାଲ କଲେଜ ଏବଂ ହସ୍ପିଟାଲକୁ କେନ୍ଦୁଝର ଜିଲା ସମେତ ପଡ଼ୋଶୀ ରାଜ୍ୟ ଝାଡ଼ଖଣ୍ଡ ଏବଂ ପଡୋଶୀ ଜିଲା ଦେବଗଡ, ଅନୁଗୋଳ, ମୟୂରଭଞ୍ଜ ଆଦି ଅଞ୍ଚଳରୁ ଅନେକ ରୋଗୀ ଦୈନନ୍ଦିନ ଚିକିତ୍ସା ପାଇଁ ଆସିବେ। ସେହିପରି ବିଶ୍ୱବିଦ୍ୟାଳୟକୁ ଜିଲା ଏବଂ ରାଜ୍ୟର ଅନେକ ଅଞ୍ଚଳରୁ ଛାତ୍ରଛାତ୍ରୀ ପାଠ ପଢ଼ିବାକୁ ଆସିବେ। ଅନ୍ୟପକ୍ଷରେ ଅନେକ ନୂତନ ପ୍ରକଳ୍ପ ହେବାର ଯୋଜନା ରହିଛି। ଜିଲାରେ ଏଭଳି ପ୍ରକଳ୍ପ ହେଲେ କେନ୍ଦୁଝର ସହର ପରିସୀମା ବୃଦ୍ଧି ହେବା ସହିତ ଲୋକ ସଂଖ୍ୟା ଓ ଗାଡ଼ିମୋଟର ସଂଖ୍ୟା ଆଶାତୀତ ଭାବେ ବୃଦ୍ଧି ପାଇବ। ଏହାକୁ ଦୃଷ୍ଟି ରଖି ପ୍ରଶାସନ ପକ୍ଷରୁ ବେଲଦାଠାରୁ ଜୁଡ଼ିଆ ପର୍ଯ୍ୟନ୍ତ ୧୧କି.ମି ରାସ୍ତାକୁ ପ୍ରଶସ୍ତିକରଣ କରି ୪ ଥାକିଆ କରିବାକୁ ନିଷ୍ପତ୍ତି ନିଆଯାଇଛି ବୋଲି କେନ୍ଦୁଝର ଡିଭିଜନ ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଇଂ. ସନ୍ତୋଷ କୁମାର ବେହେରା ସୂଚନା ଦେଇଛନ୍ତି।



# ଯୌତୁକ ଦାବିରେ ମହିଳାଙ୍କୁ ନିର୍ଯାତନା

ମୋରଡ଼ା,୯।୫(ଡି.ଏନ୍.ଏ.)

ଯୌତୁକ ଦାବିରେ ଜଣେ ମହିଳାଙ୍କୁ ଶାଶୁଘର ଲୋକେ ନିର୍ଯାତନା ଦେଇଥିବା ମୟୂରଭଞ୍ଜ ଜିଲା ମୋରଡ଼ା ଥାନାରେ ମାମଲା ରୁଜୁ ହୋଇଛି। ଥାନା ଅଧିକାରୀ ପଦ୍ମଲୋଚନ ପାଣିଗ୍ରାହୀଙ୍କ ସୂଚନା ଅନୁଯାୟୀ, ଚିତ୍ରଡ଼ା ଗ୍ରାମର ସୁବାସିନୀ ସିଂ ଭାଲିଆଡିହା ପଞ୍ଚାୟତ ଅନ୍ତର୍ଗତ ଡାକୋଇ ଗ୍ରାମର ଦୀନେଶ କୁମାର ବେହେରାଙ୍କୁ ୨୦୧୮ରେ ପ୍ରେମ ବିବାହ କରିଥିଲେ। ତେବେ ବିବାହର ଏକ ବର୍ଷ ପରେ ଦିନେଶ ଏବଂ ତାଙ୍କ ପରିବାର ଲୋକେ ଯଥା, ଶାଶୁ ରେଖା ବେହେରା, ଶ୍ୱଶୁର ବୀରେନ୍ଦ୍ର ବେହେରା, ନଣଦ ଉତ୍ତଳା ବେହେରା ସୁବାସିନୀଙ୍କୁ ଶାରୀରିକ ଏବଂ ମାନସିକ ନିର୍ଯାତନା ଦେଇ ଆସୁଥିଲେ। ସୁବାସିନୀ ଏସ୍‌ଟି ଶ୍ରେଣୀର ହୋଇଥିବାରୁ ଦୀନେଶ ତାଙ୍କୁ ଅତି ଖରାପ ଭାଷାରେ ଗାଳି ଗୁଲଜ କରିବା ସହିତ ଜୀବନରୁ ମାରିଦେବାକୁ ଧମକ ଦେଇ ଆସୁଥିଲେ। ତେବେ ୮ତାରିଖ ଦିନ ସୁବାସିନୀ ଅଙ୍ଗନବାଡି କେନ୍ଦ୍ରରେ ଥିବା ବେଳେ ସମସ୍ତଙ୍କ ସମ୍ମୁଖରେ ଦୀନେଶ ତାଙ୍କୁ ଅଶାଳୀନ ବ୍ୟବହାର ପ୍ରଦର୍ଶନ କରିଥିଲେ। ଏନେଇ ସୁବାସିନୀ ମୋରଡ଼ା ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା(ନଂ. ୧୭୬/୨୩) ରୁଜୁ କରି ତଦନ୍ତ ଜାରି ରଖିଛି।

# 'ବହୁ ପ୍ରତିଭାର ଅଧିକାରୀ ଥିଲେ ସଦାନନ୍ଦ'

ଭଦ୍ରକ ଅଫିସ, ୯।୫ (ସ୍ୱ.ପ୍ର.)

ଏକାଧାରରେ ଜଣେ କବି, ସାହିତ୍ୟିକ, ସାମ୍ବାଦିକ, କଳାକାର, ସୁସଂଗଠକ ତଥା ବହୁ ପ୍ରତିଭାର ଅଧିକାରୀ ଥିଲେ ସଦାନନ୍ଦ। ସେ ବହୁ କବିତା ଓ ଗଳ୍ପ ରଚନା କରି ସମାଜକୁ ସଚେତନତା ବାର୍ତ୍ତା ଦେଇଥିବା ସ୍ୱର୍ଗତ କବି ସଦାନନ୍ଦ ସାହୁଙ୍କ ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ଅବସରରେ ଭଦ୍ରକର ଚରମ୍ପାସ୍ଥିତ ତାଙ୍କ ବାସଭବନଠାରେ ଅନୁଷ୍ଠିତ ସ୍ମୃତିସଭାରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଇଂ. ଅଭୟ ସୁତାରଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଶିକ୍ଷକ ବୈକୁଣ୍ଠ ବିଶ୍ୱାଳ ପ୍ରାରମ୍ଭିକ ସୂଚନା ଓ ଖବରଦାତା ରବି ନାରାୟଣ ଖିଲାର ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଭାବେ ଭଦ୍ରକ ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ଡ. ରାମଚନ୍ଦ୍ର ପଣ୍ଡା, ମୁଖ୍ୟବକ୍ତା ବଉଳା କଲେଜ ଅଧକ୍ଷ ଶିବରାମ ଖାମୁରାଇ, ବିଶିଷ୍ଟ ଅତିଥି ଭାବେ ତ୍ୟାଗଭୂମି ସଭାପତି ଅଜୟ ନାୟକ, ଶିକ୍ଷାବିତ୍ ଗଗନ ରାଉତ, ସଂଗଠକ ବାବୁଲାଲ ଦାସ, ଅଧ୍ୟାପକ ନିହାର ରଞ୍ଜନ କର ଓ ଶିକ୍ଷାବିତ୍ ଗୟାଧର ପଣ୍ଡା ଯୋଗଦେଇ ସ୍ମୃତିଚାରଣ କରିଥିଲେ। ପ୍ରଧାନଶିକ୍ଷୟିତ୍ରୀ ଜାନକୀ ପାଢ଼ୀ, ରମେଶ ଚନ୍ଦ୍ର ସ୍ୱାଇଁ ଓ ନାରାୟଣ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।

ଆୟୋଜିତ କବିତା ପାଠୋତ୍ସବକୁ ଶିକ୍ଷୟିତ୍ରୀ ମନୋରମା ରାୟ ଓ ଆଇନଜୀବୀ ଚୈତାଳି ଖିଲାର ସଂଯୋଜନା କରିଥିଲେ। ସାହିତ୍ୟ ଏକାଡେମୀ ସଦସ୍ୟ ଅବନୀ ପ୍ରଧାନ, ଗୌରାଙ୍ଗ ବାରିକ, ବିପ୍ଳବ ହୋତା, ଅରୂପାନନ୍ଦ ନାୟକ, ବିଜୟ ରାଉତ ପ୍ରମୁଖ କବିତା ପାଠ କରିଥିଲେ। କଣ୍ଠଶିଳ୍ପୀ ଶଶିକଳା ମିଶ୍ର ପ୍ରାରମ୍ଭିକ ସଙ୍ଗୀତ ଓ ରାମନାରାୟଣ ମହାନ୍ତି ଉଦ୍‌ଯାପନୀ ସଙ୍ଗୀତ ଗାନ କରିଥିଲେ। ଏହିଅବସରରେ ସ୍ୱରାଜବାର୍ତ୍ତାର ସ୍ୱତନ୍ତ୍ର ସଂଖ୍ୟା 'ସ୍ମୃତିରେ ସଦାନନ୍ଦ' ଉନ୍ମୋଚନ ହୋଇଥିଲା। ପ୍ରାକ୍ତନ ପ୍ରାଧ୍ୟାପିକା ରାଧାରାଣୀ ମହାପାତ୍ର, ପ୍ରଧାନ ଶିକ୍ଷକ ଶରତ ଜେନା, ଖବରଦାତା ସନ୍ତୋଷ ଦାସ, ସାଧନ ଧର, ତପନ ପଣ୍ଡା, ବିଜୟଦେବ ପାଣି, ନିରଞ୍ଜନ ପାଣି ପ୍ରମୁଖ ଉପସ୍ଥିତ ଥିଲେ।



ସଭାରେ 'ସ୍ମୃତିରେ ସଦାନନ୍ଦ' ଉନ୍ମୋଚନ କରାଯାଉଛି।

# ଇଚ୍ଛାଶକ୍ତି ହିଁ ପ୍ରକୃତ ବଳ

ଗୋପବନ୍ଧୁ ନଗର, ୯।୫ (ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ଗୋପବନ୍ଧୁ ନଗର ବ୍ଲକ ପୁରୁଣା ବାରିପଦାସ୍ଥିତ ସ୍ୱର୍ଣ୍ଣଲତା ସ୍କୁଲ ଓ ବିଷ୍ଣୁପ୍ରିୟା ଜିଏନ୍‌ଏମ୍ ନର୍ସିଂ କଲେଜର ତୃତୀୟ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଭବାନୀ ଶଙ୍କର ସାହୁ ଓ ସମ୍ପାଦକ ପୁରୁଷୋତ୍ତମ ନାୟକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ସମାରୋହରେ ମୁଖ୍ୟଅତିଥି ଭାବେ ଆଞ୍ଚଳିକ କନିଷ୍ଠ ମହାବିଦ୍ୟାଳୟର ଅଧକ୍ଷ ଡ. ସୁରେନ୍ଦ୍ର ପ୍ରସାଦ ରାଉତ ଓ ମୁଖ୍ୟବକ୍ତା ଭାବେ ରାସାୟନିକ ବିଜ୍ଞାନ ବିଭାଗ ରିସର୍ଚ୍ଚ (ଚେନ୍ନାଇ)ର ଡ. ଉତ୍ତମ କୁମାର ପାଣିଗ୍ରାହୀ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ସମ୍ମାନିତ ଅତିଥି ଭାବେ ସ୍କୁଲ ଅଧକ୍ଷା ବାସନ୍ତୀ ବେହେରା, ନାଗପାଳ ହାଇସ୍କୁଲର ପ୍ରଧାନଶିକ୍ଷକ ଅଶ୍ୱିନୀ କୁମାର ନାୟକ, ବ୍ୟାଙ୍କ ମୁଖ୍ୟ ପରିଚାଳକ କୈଳାସ ଚନ୍ଦ୍ର ପାତ୍ର, ଆଞ୍ଚଳିକ ମହାବିଦ୍ୟାଳୟର ମୁଖ୍ୟ କର୍ମଚାରୀ ସୁବାସ ଚନ୍ଦ୍ର ବେହେରା ପ୍ରମୁଖ ଯୋଗଦେଇଥିଲେ। ଶାରୀରିକ ଦକ୍ଷତା ନୁହେଁ, ପ୍ରଚଣ୍ଡ ଇଚ୍ଛାଶକ୍ତି ହିଁ ପ୍ରକୃତ ବଳ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଶିକ୍ଷକ ବିଜୟ କୁମାର ନାୟକ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଅନୁଷ୍ଠାନର ମୁଖ୍ୟ ସଦସ୍ୟା ସ୍ୱର୍ଗତ ବିଷ୍ଣୁପ୍ରିୟା ସାହୁଙ୍କ ଉଦ୍ଦେଶ୍ୟରେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଛାତ୍ରୀମାନଙ୍କ ଦ୍ୱାରା ଦେଶାତ୍ମକ ସଂଗୀତ ଓ ନୃତ୍ୟ ପରିବେଷଣ ହୋଇଥିଲା। ଏହି ଅବସରରେ ୨୦୨୨ରେ ବିଦ୍ୟାଳୟର ଟପ୍ପର ଛାତ୍ରୀ ଭବାନୀ ମଡୁଆଲଙ୍କ ସମେତ ବିଭିନ୍ନ ବର୍ଗର ମୋଟ ୧୬ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଚିନ୍ତାମଣି ବେହେରା ଓ ମମତା ଦଳେଇ ମଞ୍ଚ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

# ଦାବି ପୂରଣ ନ ହେଲେ କାର୍ଯ୍ୟବନ୍ଦ

ଧାମନଗର, ୯।୫ (ସ୍ୱ.ପ୍ର.)

ଭଦ୍ରକ ଜିଲାସ୍ତରୀୟ ମିଳିତ ଅମଲା ମଞ୍ଚ ପକ୍ଷରୁ ବିଭିନ୍ନ ଦାବି ନେଇ ମଙ୍ଗଳବାର ଧାମନଗର ବ୍ଲକ ସମ୍ମିଳନୀ କକ୍ଷରେ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାରେ ବିଭିନ୍ନ ବିଭାଗରେ କାର୍ଯ୍ୟରତ ଅମଲାମାନେ ସେମାନଙ୍କ ଦରମା ବୃଦ୍ଧି ପାଇଁ ଅନେକ ସମୟରେ ସରକାରଙ୍କୁ ଲିଖିତ ଭାବେ ଜଣାଇ ଆସୁଥିଲେ ମଧ୍ୟ ସରକାର ଏ ବାବଦରେ କର୍ଣ୍ଣପାତ କରୁନାହାନ୍ତି। ଆଗାମୀ ୧୫ ଦିନ ମଧ୍ୟରେ ସରକାର ଉକ୍ତ ଦାବି ପୂରଣ ନ କଲେ ଅନିର୍ଦ୍ଦିଷ୍ଟ କାଳ ଯାଏ ସେମାନେ କାର୍ଯ୍ୟ ବନ୍ଦ କରିବେ ବୋଲି ଚେତାବନୀ ଦେଇଛନ୍ତି। ଏନେଇ ଏକ ସ୍ମାରକପତ୍ର ସେମାନେ ବିଡିଓ ବନ ବିହାରୀ ଦିଣ୍ଡାଙ୍କୁ ପ୍ରଦାନ କରିବା ସହ ଜିଲା ଓ ରାଜ୍ୟର ବିଭିନ୍ନ ଉପରିସ୍ଥ ଅଧିକାରୀଙ୍କୁ ଦିଆଯାଇଛି। ମିଳିତ ଅମଲା ମଞ୍ଚ ଭଦ୍ରକ ଶାଖାର ଅଧକ୍ଷ ଉଦୟ ନାରାୟଣ ପଣ୍ଡାଙ୍କ ସହ ରାଜ୍ୟ ଓ ଜିଲାସ୍ତରୀୟ ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତା ଏବଂ ଧାମନଗରରେ କାର୍ଯ୍ୟରତ ଅମଲାମାନେ ବୈଠକରେ ଉପସ୍ଥିତ ଥିଲେ।



ଅମଲାମାନେ ବିଡିଓ ବନ ବିହାରୀ ଦିଣ୍ଡାଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

# ଅସହାୟ ପରିବାରକୁ ସହାୟତା

କୋଡ଼ପଡା,୯।୫(ଡି.ଏନ୍.ଏ.)

ଆନନ୍ଦପୁର ବ୍ଲକ ଅଧୀନ ବାଇଲୋ ପଞ୍ଚାୟତ ବାରିଗାଁ ଗୋଲଡେନ ସାହିର ଜଣେ ଅସହାୟ ମହିଳା ଓ ତାଙ୍କ ପରିବାରକୁ ସାମାଜିକ କର୍ମୀ ଝାନ୍‌ସୀରାଣୀ ଦାସ ଭେଟି ସହାୟତା ପ୍ରଦାନ କରିଛନ୍ତି। ଏହି ସାହିର ଦିନ ମଜୁରିଆ ଦୋଳ ଗୋବିନ୍ଦ ପଲେଇଙ୍କ ମୃତ୍ୟୁ ପରେ ତାଙ୍କ ବିଧବା ସ୍ତ୍ରୀ ରଚନା ୪ କନ୍ୟାଙ୍କୁ ନେଇ ବହୁ ଦୁଃଖ କଷ୍ଟରେ ଭଙ୍ଗାଘରେ କାଳାତିପାତ କରୁଛନ୍ତି। ଆବାସ ଗୃହ ସମେତ ବିଭିନ୍ନ ସରକାରୀ ଯୋଜନାରୁ ବଞ୍ଚିତ ହୋଇଛନ୍ତି। ଅସହାୟ ଅବସ୍ଥାରେ ଉକ୍ତ ପରିବାର ରହୁଥିବା ସମ୍ପର୍କରେ ଖବର ପାଇ ସାମାଜିକ କର୍ମୀ ଝାନ୍‌ସୀରାଣୀ ଦାସ ପହଞ୍ଚି ସହାୟତାର ହାତ ବଢ଼ାଇଛନ୍ତି। ଉକ୍ତ ପରିବାରକୁ ୨ ମାସର ଖାଦ୍ୟ, ରାଶନ, ବସ୍ତ୍ର ପ୍ରଦାନ କରିଛନ୍ତି। ଏଥିସହ ଜିଲାପାଳ ଓ ଉପ ଜିଲାପାଳଙ୍କ ନିକଟରେ ୪ କନ୍ୟା ସନ୍ତାନଙ୍କ ପାଠ ପଢିବା ବ୍ୟବସ୍ଥା ସହିତ ୮୦ ବର୍ଷ ବୟସ ବୃଦ୍ଧା ମା'ଙ୍କ ଚିକିତ୍ସା ଓ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ଯୋଗାଇଦେବାକୁ ଦାବି କରିଛନ୍ତି।



ଅସହାୟ ପରିବାର ସହ ସାମାଜିକ କର୍ମୀ ଝାନ୍‌ସୀରାଣୀ ଦାସ।

# ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ନୂତନ ଗୃହ ଭୂମିପୂଜା

ବାରିପଦା ଅଫିସ,୯।୫

ବାରିପଦା ମ୍ୟୁନିସିପାଲିଟିର ୧୪ ନଂ. ୱାର୍ଡ ତୁଳସୀଚୌରା ଦୁର୍ଗାପୂଜା ପଡ଼ିଆ ନିକଟରେ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ପାଇଁ ନୂତନ ଗୃହର ଭୂମି ପୂଜନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ପୌରାଧକ୍ଷ କୃଷ୍ଣାନନ୍ଦ ମହାନ୍ତି ଉପସ୍ଥିତ ରହି ଭୂମି ପୂଜନ କରିବା ସହ ସ୍ଥାନୀୟ ଜନସାଧାରଣ କିପରି ତୁରନ୍ତ ସ୍ୱାସ୍ଥ୍ୟସେବା ପାଇପାରିବେ ସେଥିପାଇଁ ରାଜ୍ୟ ସରକାରଙ୍କ ଦୃଷ୍ଟି ଦେବାକୁ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ମାନିତ ଅତିଥିଭାବେ ଉପ ନଗରପାଳ ସୀମା ଦାସ ଓ ସ୍ଥାନୀୟ କାଉନ୍‌ସିଲର ବିବେକାନନ୍ଦ ନାୟକ, ପୂର୍ବତନ କାଉନ୍‌ସିଲର ସୁରେଶ ଚନ୍ଦ୍ର ନାୟକ, ଶ୍ରୀଦୁର୍ଗା ସ୍ପୋର୍ଟିଂ କ୍ଲବ୍‌ର ସଦସ୍ୟ ତଥା ସ୍ଥାନୀୟ ବୁଦ୍ଧିଜୀବୀ ପ୍ରମୁଖ ଉପସ୍ଥିତ ଥିଲେ। ଏହା ପୂର୍ବରୁ ବାରିପଦା ସହରର ମୁର୍ଗାବାଡ଼ି, ଦେବେନ୍ଦ୍ରପୁର ଓ ସୁନାମୁହିଁ ଅଞ୍ଚଳରେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଥିବା ବେଳେ ଏହା ସହର ମଧ୍ୟରେ ଚତୁର୍ଥ କେନ୍ଦ୍ର ଭାବେ ପ୍ରତିଷ୍ଠା ହେବ। ଫଳରେ ତୁଳସୀଚୌରା ଅଞ୍ଚଳ ସହ ପୂର୍ଣ୍ଣଚନ୍ଦ୍ରପୁର, ଷ୍ଟେସନ ବଜାର, ଜନାର୍ଦ୍ଦନପୁର ସମେତ ଆଖପାଖ ଅଞ୍ଚଳର ଜନସାଧାରଣ ସ୍ୱାସ୍ଥ୍ୟସେବାର ଲାଭ ପାଇପାରିବେ। ସ୍ୱାସ୍ଥ୍ୟକେନ୍ଦ୍ର ପାଇଁ ମୋଟ ଏକ କୋଟି ଦଶ ଲକ୍ଷ ଟଙ୍କାର ବ୍ୟୟ ଅଟକଳ ଥିବାବେଳେ ପ୍ରାୟ ବର୍ଷେ ଭିତରେ କାର୍ଯ୍ୟ ସମ୍ପନ୍ନ ହେବ ବୋଲି କାଉନ୍‌ସିଲର ନାୟକ ଜଣାଇଛନ୍ତି।

# ନୀଳମଣି କଲେଜରେ ଛାତ୍ର ବଜାର କାର୍ଯ୍ୟକ୍ରମ

ରୂପସା, ୯।୫(ଡି.ଏନ.ଏ.)

ବାଲେଶ୍ୱର ସଦର ବ୍ଲକ ଅଧୀନ ରୂପସାସ୍ଥିତ ନୀଳମଣି ମହାବିଦ୍ୟାଳୟ ଓ ଭାରତ ସରକାରଙ୍କ ଉଚ୍ଚ ଶିକ୍ଷା ଅଧୀନ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ଶିକ୍ଷା ପରିଷଦର ମିଳିତ ସହଯୋଗରେ ଛାତ୍ର ବଜାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ସିଦ୍ଧେଶ୍ୱର ମହାବିଦ୍ୟାଳୟ ପ୍ରାଧ୍ୟାପିକା ରୀତା ନାୟକ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଛାତ୍ରୀଛାତ୍ରଙ୍କର ସୃଜନଶୀଳତା ଦ୍ୱାରା ଆୟୋଜିତ ଛାତ୍ର ବଜାର କାର୍ଯ୍ୟକ୍ରମକୁ ମୁଖ୍ୟଅତିଥି ପ୍ରଶଂସା କରିଥିଲେ। ଆଇକ୍ୟୁଏସି ସଂଯୋଜକ ଅଧ୍ୟାପକ ଚନ୍ଦନ କୁମାର ଦାସ, ଡ. ଅର୍ଦ୍ଧେନ୍ଦୁ କୁମାର ଦାଶ ଓ ଅଧ୍ୟାପକ ବିଜୟ କୁମାର ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ଭବିଷ୍ୟତରେ ଆତ୍ମନିର୍ଭଶୀଳ ହେବା ପାଇଁ ପ୍ରେରଣାଦାୟୀ ହେବ ବୋଲି ମତବ୍ୟକ୍ତ କରିଥିଲେ । ଉଦ୍‌ଯାପନୀ ଉତ୍ସବରେ ମହାବିଦ୍ୟାଳୟ ଅଧକ୍ଷ ଡ. ତପନ କୁମାର ବେହେରା ଅଧକ୍ଷତା କରି ଛାତ୍ରୀଛାତ୍ରଙ୍କୁ ସେମାନଙ୍କର ଉଦ୍ୟମ ପାଇଁ ଉତ୍ସାହିତ କରିଥିଲେ। ଅଧ୍ୟାପକ ଗୌରାଙ୍ଗ ପଣ୍ଡା, ହରେନ୍ଦ୍ର ରଣା, ଶ୍ରବଣ ନାୟକ, ଶ୍ରୀଧର ବେହେରା, ଅନ୍ନପୂର୍ଣ୍ଣା ରଣା, ପିନାକ୍ଷୀ ପଣ୍ଡା ଓ ଇତିଶ୍ରୀ ମହାନ୍ତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଯଜ୍ଞେଶ୍ୱର ଗିରି, ମନ୍ମଥ ଦଳେଇ, ଜ୍ୟୋତିରଞ୍ଜନ ବର, ଅନୀତା ସାହୁ, ପିପାଲିସା ବେହେରା, ଉର୍ମିଳା ଲେଙ୍କା, ସସ୍ମିତା ସେନାପତି, ରଶ୍ମିରେଖା ସିଂହ, ପୂର୍ଣ୍ଣିମା ଜେନା, ଛବି ଦାସ ଓ ଅଶୋକ ମଡୁଆଳ ପ୍ରମୁଖ ନିଜ ହାତ ତିଆରି ଖାଦ୍ୟ ଏହି ବଜାରରେ ବିକ୍ରୟ କରିଥିଲେ। ମହାବିଦ୍ୟାଳୟ ସମସ୍ତ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀ, ଛାତ୍ରୀଛାତ୍ର ଏବଂ ପୁରାତନ ଛାତ୍ର ସଂସଦର ସଦସ୍ୟ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଅଧ୍ୟାପିକା ଡ. ଆରୁଣୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।



ଛାତ୍ର ବଜାରରେ କିଣା ବିକା ଚାଲିଛି।

# ବସୁଧା ଯୋଜନାରେ ଅନିୟମିତତା

## ତଦନ୍ତ ଦାବିକଲେ କଣ୍ଟାପଡ଼ା, ବଟେଶ୍ୱର ଗ୍ରାମବାସୀ

ଖଇରା, ୯।୫(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ କଣ୍ଟାପଡା ଓ ବଟେଶ୍ୱରଠାରେ ବସୁଧା ଯୋଜନାରେ ୨ଟି ପାନୀୟ ଜଳ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଚାଲିଥିବା ବେଳେ ଏହା ଅତ୍ୟନ୍ତ ନିମ୍ନମାନର ହେଉଛି। ଏହି ପ୍ରକଳ୍ପର ସ୍ଥାୟିତ୍ୱ ଉପରେ ଗ୍ରାମବାସୀ ପ୍ରଶ୍ନ ଉଠାଇଛନ୍ତି। ତୁରନ୍ତ ଉକ୍ତ ନିର୍ମାଣ କାର୍ଯ୍ୟକୁ ବନ୍ଦ କରାଯିବା ସହ ଉଚ୍ଚସ୍ତରୀୟ ତଦନ୍ତ କରିବାକୁ କଣ୍ଟାପଡା, ବଟେଶ୍ୱର, ନାହୁଲ ଆଦି ଗ୍ରାମର ଅଧିବାସୀ ଦାବି କରିଛନ୍ତି।

କଣ୍ଟାପଡାଠାରେ ପାଖାପାଖି ୨ଶହ ପରିବାର ପାଇଁ ୩୦ହଜାର ଲିଟର ପାଣି ଟାଙ୍କି ଥିବା ଏକ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଚାଲିଥିବା ବେଳେ କଣ୍ଟାପଡା ସଂଲଗ୍ନ ବଟେଶ୍ୱରଠାରେ ୪୦ହଜାର ଲିଟର ବିଶିଷ୍ଟ ପାଣିଟାଙ୍କି ଥିବା ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଦ୍ରୁତଗତିରେ ଚାଲିଛି । ଯେଉଁ ପ୍ରକଳ୍ପରୁ ୩ଶହ ପରିବାରକୁ ଜଳ ସଂଯୋଗ ଦେବାର ବ୍ୟବସ୍ଥା କରାଯାଇଛି । ହେଲେ ଠିକାଦାର କଞ୍ଚମାଲ ମିଶ୍ରଣ ଭାଗମାପ ଠିକ୍ ନ ରଖିବା କାରଣରୁ ଏବେ ପ୍ରକଳ୍ପ ଅଳ୍ପ ଦିନରେ ଭାଙ୍ଗି ପଡିବାର ଭୟ ଦେଖାଦେଇଛି ବୋଲି ଉଭୟ ଗ୍ରାମର ଗ୍ରାମବାସୀ ଆଶଙ୍କା ପ୍ରକାଶ କରିଛନ୍ତି। ସେପଟେ ହରଘର ଜଳ ଯୋଜନାରେ ସମସ୍ତ ପରିବାରକୁ ସଂଯୋଗ ପ୍ରଦାନ କରାଯିବାକୁ ନିର୍ଦ୍ଦେଶନାମା ଥିବା ବେଳେ ବଟେଶ୍ୱରଠାରେ ଅନେକ ପରିବାରକୁ ଏଥିରୁ ବଞ୍ଚିତ କରାଯାଇଥିବା ନେଇ ଉକ୍ତ ଗ୍ରାମର ସ୍ୱପ୍ନାନ୍ତ ଦାସ ଅଭିଯୋଗ କରିଛନ୍ତି । ଏହାଛଡା ପାଇପର ମାନ ଠିକ୍ ନ ଥିବା କୁହାଯାଉଛି । ଏ ସମ୍ପର୍କରେ ନିର୍ବାହୀ ଯନ୍ତ୍ରୀ ସମୀର ଦେଙ୍କୁ ଯୋଗାଯୋଗ କରିବାରେ ସେ ସହକାରୀ ଯନ୍ତ୍ରୀଙ୍କୁ ପଠାଇ ଏହାର ତଦନ୍ତ କରିବେ ବୋଲି କହିଛନ୍ତି ।



କଣ୍ଟାପଡା ଗ୍ରାମରେ ବସୁଧା ଯୋଜନାରେ ଚାଲିଥିବା ପ୍ରକଳ୍ପ ନିର୍ମାଣ କାର୍ଯ୍ୟ।

## ଦ୍ୱିତୀୟ ସ୍ତ୍ରୀଙ୍କୁ ନିର୍ଯାତନା, ସ୍ୱାମୀ ଗିରଫ

ଢେଙ୍କିକୋଟ, (ଡି.ଏନ୍.ଏ.)-କେନ୍ଦୁଝର ଜିଲା ଢେଙ୍କିକୋଟ ପୋଲିସ ବିଟ୍ ହାଉସ ଅଧୀନ ମଥୁରାପଶି ଗ୍ରାମରେ ଦ୍ୱିତୀୟ ସ୍ତ୍ରୀଙ୍କୁ ନିର୍ଯାତନା ଅଭିଯୋଗରେ ସ୍ୱାମୀଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ବିଦ୍ୟାଧର ମହାନ୍ତ(୨୮)। ସେ ଦୁଇବର୍ଷ ତଳେ ପ୍ରଥମ ସ୍ତ୍ରୀଙ୍କୁ ନିର୍ଯାତନା ଦେଇ ଘରୁ ତଡ଼ି ଦେଇଥିଲେ। ପ୍ରଥମ ସ୍ତ୍ରୀ ୧ବର୍ଷ ଧରି ଘରକୁ ନ ଆସିବାରୁ ସେ ଅନ୍ୟ ଜଣେ ଯୁବତୀଙ୍କୁ ଭଲପାଇ ମନ୍ଦିରରେ ବିବାହ କରିଥିଲେ। ଏହାର ବର୍ଷକ ପରେ ଅନୁରୂପ ଭାବେ ଦ୍ୱିତୀୟ ସ୍ତ୍ରୀଙ୍କୁ ନିର୍ଯାତନା ଦେଇଆସୁଥିଲେ। ସୋମବାର ଦ୍ୱିତୀୟ ସ୍ତ୍ରୀ ଢେଙ୍କିକୋଟ ଫାଣ୍ଡିରେ ଅଭିଯୋଗ କରିଛନ୍ତି। ଘଟଗାଁ ଥାନାରେ ମାମଲା (ନଂ.୮୯/୨୩) ରୁଜୁ ହୋଇଛି।

## ସଂକ୍ଷେପରେ

### ଭାଉଜ ହତ୍ୟାକାରୀ ଦିଅରଙ୍କୁ ଆଜୀବନ ଜେଲ

ବାରିପଦା ଅଫିସ,୯।୫- ମୟୂରଭଞ୍ଜ ଅତିରିକ୍ତ ଜିଲା ଓ ଦୌରା ଜଜ୍(୧)ଙ୍କ କୋର୍ଟରେ ମଙ୍ଗଳବାର ଏକ ହତ୍ୟା ମାମଲାର ରାୟ ପ୍ରକାଶ ପାଇଛି। ଜଜ୍ ସୁରେଶ ଚନ୍ଦ୍ର ପ୍ରଧାନ ଏହାର ବିଚାର କରି ଦୋଷୀଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିବା ସହ ୫ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦାୟେ ଅଧିକ ୬ମାସ କାରାଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରାୟରେ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତ ଜଣଙ୍କ ହେଲେ ଝାରପୋଖରୀଆ ଥାନା ପାକଟିଆ ଗ୍ରାମର ଜଗନ୍ନାଥ ନାଏକ(୩୩)। ମାମଲାର ବିବରଣୀ ଅନୁଯାୟୀ, ଭାଉଜ ସୁକ ନାଏକଙ୍କ ବାପ ଘରର ଜମିକୁ ଦିଅର ଜଗନ୍ନାଥ ଚାଷ କରୁଥିଲେ। ଜମିରୁ ଚାଷ ହୋଇଥିବା ଧାନକୁ ବିକିବା ପରେ ଉପାର୍ଜିତ ଅର୍ଥ ପ୍ରଦାନ କରିବା ପାଇଁ ଭାଉଜ କହିଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହେବାରୁ ଗତ ୨୦୧୯ ଜାନୁଆରୀ ୧୩ତାରିଖ ରାତି ପ୍ରାୟ ୯ଟା ବେଳେ ଜଗନ୍ନାଥ ଏକ ମାରଣାସ୍ତ୍ରରେ ଭାଉଜକୁ ହତ୍ୟା କରିଥିଲେ। ଏହାକୁ ନେଇ ଝାରପୋଖରିଆ ଥାନାରେ ମୃତ ମହିଳାଙ୍କ ମା’ ବାସନ୍ତୀ ସିଂ ଲିଖିତ ଅଭିଯୋଗ କରିଥିଲେ। ଏନେଇ ପୋଲିସ ଏକ ମାମଲା(ନଂ.୩/୧୯) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିଲା। ଅତିରିକ୍ତ ସରକାରୀ ଆଇନଜୀବୀ କୃଷ୍ଣଚନ୍ଦ୍ର ଦାସ ମାମଲା ପରିଚାଳନା କରୁଥିଲେ।

### ଏସ୍ଇବିସି ସର୍ଭେ କେନ୍ଦ୍ରରେ ବୃଦ୍ଧଙ୍କ ମୃତ୍ୟୁ

ବାଲେଶ୍ୱର ଅଫିସ, ୯।୫-ବାଲେଶ୍ୱର ପୌରାଞ୍ଚଳ ଅଧୀନ ଶୋଭାରାମପୁର ସ୍କୁଲ ପରିସରରେ ହୋଇଥିବା ଏସ୍ଇବିସି ସର୍ଭେ କେନ୍ଦ୍ରରେ ମଙ୍ଗଳବାର ଦ୍ୱିପ୍ରହର ସମୟରେ ଏକ ଅଭାବନୀୟ ଘଟଣା ଘଟିଛି। ଏହି କେନ୍ଦ୍ରକୁ ଆସିଥିବା ଜଣେ ବୃଦ୍ଧଙ୍କର ମୃତ୍ୟୁ ହୋଇଛି। ବୃଦ୍ଧଜଣକ ହେଲେ ଶିଳ୍ପାଞ୍ଚଳ ଥାନା ଅଧୀନ ଅଙ୍ଗାରଗଡ଼ିଆ ଅଞ୍ଚଳର ବ୍ରହ୍ମାନନ୍ଦ ଖଣ୍ଡା (୬୨)। ସୂଚନା ଯେ, ଶୋଭାରାମପୁର ସ୍କୁଲ ପରିସରରେ ଓଡ଼ିଶା ପଛୁଆ ବର୍ଗ ଲୋକଙ୍କର ସାମାଜିକ ଓ ଶିକ୍ଷାଗତ ସ୍ଥିତିର ସର୍ଭେ ଜାରି ରହିଛି। ସେଠାକୁ ଯାଇଥିବା ବ୍ରହ୍ମାନନ୍ଦ ଚେତାଶୂନ୍ୟ ହୋଇ ହଠାତ୍ ତଳେ ପଡ଼ିଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ସଙ୍ଗେ ସଙ୍ଗେ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଶିଳ୍ପାଞ୍ଚଳ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ମୃତଦେହ ବ୍ୟବଚ୍ଛେଦ କରାଯାଇଛି। ମୃତ୍ୟୁର ଠିକ୍ କାରଣ ଜଣାପଡ଼ି ନ ଥିବା ବେଳେ ଅଂଶୁଘାତଜନିତ ମୃତ୍ୟୁ ବୋଲି ଆଶଙ୍କା କରାଯାଉଛି। ତେବେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ପୋଲିସ କହିଛି।

### ନବୀକରଣ ହେବ ମଦିନା ମଇଦାନ

ଭଦ୍ରକ ଅଫିସ, ୯।୫- ଭଦ୍ରକ ପୁରୁଣାବଜାରସ୍ଥିତ ମଦିନା ମଇଦାନ ନବୀକରଣ ହେବ। ଏଥିପାଇଁ ସରକାରଙ୍କ ପକ୍ଷରୁ ଅନୁଦାନ ପ୍ରଦାନ କରାଯାଇଛି। ପୂର୍ବରୁ ନବୀକରଣ ପାଇଁ ୮୦ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। ଏତିକି ଟଙ୍କାରେ ନବୀକରଣ ହୋଇପାରିବ ନାହିଁ ବୋଲି ଅଧିକ ଅନୁଦାନ ନିମନ୍ତେ ପୁରୁଣାବଜାରବାସୀ ଭଦ୍ରକ ବିଧାୟକଙ୍କୁ ବାରମ୍ବାର ଅନୁରୋଧ କରିଥିଲେ। ବିଧାୟକ ସଞ୍ଜୀବ କୁମାର ମଲ୍ଲିକଙ୍କ ପ୍ରଚେଷ୍ଟାରେ ସରକାରଙ୍କ ପକ୍ଷରୁ ଏବେ ୧ କୋଟି ୫ ଲକ୍ଷ ଟଙ୍କା ନବୀକରଣ ପାଇଁ ମଞ୍ଜୁର କରାଯାଇଥିବା ସୂଚନା ମିଳିଛି।

### କୀଟନାଶକ ପିଇ ବୃଦ୍ଧଙ୍କ ଆତ୍ମହତ୍ୟା

ପାଟଣା,୯।୫ (ସ୍ୱ.ପ୍ର.)-କେନ୍ଦୁଝର ଜିଲା ପାଟଣା ଥାନା ଅଧୀନ ମାଛଗଡ଼ ପଞ୍ଚାୟତ ଅସ୍ତଯୋଡି ଗ୍ରାମରେ ଲମ୍ବୋଦର ନାଏକ ନାମକ ବୃଦ୍ଧ କୀଟନାଶକ ପିଇ ଆତ୍ମହତ୍ୟା କରିଛନ୍ତି। ସୂଚନା ଅନୁଯାୟୀ, ଲମ୍ବୋଦର ସୋମବାର ସନ୍ଧ୍ୟାରେ କୀଟନାଶକ ପିଇ ଗୁରୁତର ହୋଇଥିଲେ। ପରିବାର ଲୋକେ ତାଙ୍କୁ ପ୍ରଥମେ କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟକୁ ନେଇଥିଲେ। ପରେ ତାଙ୍କୁ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ମଙ୍ଗଳବାର ପୂର୍ବାହ୍ନରେ ଡାକ୍ତରଖାନାରେ ତାଙ୍କର ମୃତ୍ୟୁ ଘଟିଛି। ଖବରପାଇ ସାହାରପଡ଼ା ଫାଣ୍ଡି ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ପାରିବାରିକ ଅଶାନ୍ତିରୁ ଲମ୍ବୋଦର ଆତ୍ମହତ୍ୟା କରିଥିବା ତଦନ୍ତରୁ ଜଣାପଡ଼ିଥିବା ବେଳେ ଏନେଇ ପାଟଣା ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୧୪/୨୩) ରୁଜୁ କରାଯାଇଥିବା ସାହାରପଡ଼ା ଫାଣ୍ଡି ଅଧିକାରୀ ଶିବଶଙ୍କର ଅଲଦା କହିଛନ୍ତି।

# ରାଜ୍ୟପାଳଙ୍କ ରହଣି ବ୍ୟବସ୍ଥାରେ ହୋଇଥିଲା ତ୍ରୁଟି

## ଡାକବଙ୍ଗଳା ଛାଡ଼ି ପ୍ୟାଲେସରେ ରାତ୍ରିଯାପନ

ବାରିପଦା ଅଫିସ,୯।୫

ବାରିପଦା ତକତପୁରସ୍ଥିତ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଅଭିଭାଷଣ ସମୟରେ ବିଦ୍ୟୁତ୍ ବିଭ୍ରାଟ ଘଟଣା ଭଳି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କ ରହଣି ବ୍ୟବସ୍ଥାରେ ମଧ୍ୟ ତ୍ରୁଟି ହୋଇଥିବା ସାମ୍ନାକୁ ଆସିଛି। ଏନେଇ ଭାଜପା ଜିଲା ସଭାପତି କାନ୍ଦରା ସୋରେନ ଅଭିଯୋଗ କରିବା ସହ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

ଅଭିଯୋଗ ଅନୁଯାୟୀ, ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବରେ ଯୋଗଦେବାକୁ ଆସିଥିବା ରାଜ୍ୟପାଳଙ୍କ ନିମନ୍ତେ ବାରିପଦା ଲକ୍ଷ୍ମୀପୋଷିସ୍ଥିତ ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ ଡାକବଙ୍ଗଳାରେ ରହଣି ବ୍ୟବସ୍ଥା କରାଯାଇଥିଲା। ୫ତାରିଖ ଅପରାହ୍ନ ୧ଟା୩୦ରେ ରାଜ୍ୟପାଳ ପହଞ୍ଚିବା ପରେ ତାଙ୍କୁ ସ୍ୱାଗତ କରିବା ନିମନ୍ତେ କୌଣସି ଜିଲାସ୍ତରୀୟ ଅଧିକାରୀ କିମ୍ବା ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଉପସ୍ଥିତ ନ ଥିଲେ। ରାଜ୍ୟପାଳଙ୍କ ସହିତ ଆସିଥିବା ଅଧିକାରୀମାନେ ଏ ସମ୍ପର୍କରେ କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନରଙ୍କୁ ଅବଗତ କରିବା ପରେ ବିଳମ୍ବରେ ଅଧିକାରୀମାନେ ପହଞ୍ଚିଥିଲେ। ରାଜ୍ୟପାଳଙ୍କ ନିମନ୍ତେ ଡାକବଙ୍ଗଳାର ଉପର ମହଲାରେ ବ୍ୟବସ୍ଥା କରାଯାଇଥିବାରୁ ଆଣ୍ଠୁ ଯନ୍ତ୍ରଣା ପାଇଁ ସେଠାକୁ ଯିବାକୁ ସେ ଅନିଚ୍ଛା ପ୍ରକାଶ କରିଥିଲେ। ତଳ ମହଲାରେ ରହିବାକୁ ଇଚ୍ଛା କରିଥିଲେ ମଧ୍ୟ ବିଶିଷ୍ଟ ବ୍ୟକ୍ତିଙ୍କ ପାଇଁ ସେଠାରେ ବ୍ୟବସ୍ଥା କରାଯାଇଥିବା ଜାଣିବାକୁ ପାଇଥିଲେ। ପରେ ଅନ୍ୟର ସହାୟତା ନେଇ ବହୁ କଷ୍ଟରେ ପାହାଚ ଚଢ଼ି ଉପର ମହଲାକୁ ଯାଇଥିଲେ। ସେଠାରେ ପହଞ୍ଚି ନିର୍ଦ୍ଧାରିତ ସମୟରେ ଭୋଜନ କରିବାକୁ କହିବା ପରେ ମଧ ଦାୟିତ୍ୱରେ ଥିବା କର୍ମଚାରୀମାନେ ମଧ୍ୟାହ୍ନଭୋଜନ ଦେବାରେ ବିଳମ୍ବ କରିଥିଲେ। ଏପରିକି ଅପରାହ୍ନ ୩ଟା୩୦ରେ ରାଜ୍ୟପାଳଙ୍କୁ ମଧ୍ୟାହ୍ନଭୋଜନ କରିବାକୁ ଦିଆଯାଇଥିଲା। ଏପରି ଅବ୍ୟବସ୍ଥା ଦେଖି ରାଜ୍ୟପାଳଙ୍କ ନିମନ୍ତେ ଅନ୍ୟତ୍ର ବ୍ୟବସ୍ଥା କରିବାକୁ ତାଙ୍କ କାର୍ଯ୍ୟାଳୟର ଅଧିକାରୀମାନେ କହିଥିଲେ। ମାତ୍ର କୌଣସି ସରକାରୀ ଡାକବଙ୍ଗଳାରେ ରାଜ୍ୟପାଳଙ୍କ ନିମନ୍ତେ ରହଣି ବ୍ୟବସ୍ଥା ହୋଇ ନ ପାରିବାରୁ ସେ ନିଜେ ବିକଳ୍ପ ବ୍ୟବସ୍ଥା କରିଥିଲେ। ନିଜ ଆତ୍ମୀୟଙ୍କ ଦ୍ୱାରା ବେଲଗଡ଼ିଆ ପ୍ୟାଲେସରେ ରାତ୍ରିଯାପନ କରିଥିଲେ। ପ୍ୟାଲେସର ଗୋଟିଏ ଭାଗରେ ରାଜବଂଶର ଦାୟାଦ ତଥା ପ୍ରାକ୍ତନ ମନ୍ତ୍ରୀ ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ ପରିବାର ସହିତ ରହୁଥିବା ବେଳେ ଅନ୍ୟ ଅଂଶରେ ବେସରକାରୀ ହୋଟେଲ ବ୍ୟବସ୍ଥା ରହିଥିଲା। ଉକ୍ତ ହୋଟେଲରେ ରାଜ୍ୟପାଳ ରାତ୍ରିଯାପନ କରିଥିଲେ। ନିୟୋଜିତ କର୍ମଚାରୀଙ୍କ ଖାମଖିଆଲ ନୀତି ଯୋଗୁ ସେ ଜିଲା ବ୍ୟବସ୍ଥାଠାରୁ ଦୂରେଇ ଯାଇ ଅନ୍ୟତ୍ର ରହିବା ଘଟଣା ସମସ୍ତଙ୍କୁ ବ୍ୟଥିତ କରିଛି। ରାଷ୍ଟ୍ରପତି ଓ ରାଜ୍ୟପାଳଙ୍କ ପ୍ରତି ଜିଲା ପ୍ରଶାସନ ଓ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଏପରି ଅବ୍ୟବସ୍ଥାକୁ ନେଇ ବିବାଦ ବଢ଼ିଚାଲିଛି। ଏହି ଘଟଣାକୁ ଭାଜପା ପକ୍ଷରୁ କଡ଼ା ନିନ୍ଦା କରାଯାଇଛି। ତ୍ରୁଟି କରିଥିବା ଅଧିକାରୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଭାଜପା ଜିଲା ସଭାପତି ସୋରେନ ଦାବି କରିଛନ୍ତି।

# ବିଭିନ୍ନ ସ୍ଥାନରେ ଛିନ୍ତାଇ, ଲୁଟ୍ ଘଟଣା: ୩ ଗିରଫ

- ଲୁଟ୍ ଟଙ୍କାରେ କିଣାଯାଇଥିବା ବାଇକ୍ ଜବତ
- ବ୍ୟାଙ୍କ ଆକାଉଣ୍ଟ ସିଜ୍

ଭଦ୍ରକ ଅଫିସ, ୯।୫


ଖବରଦାତା ସମ୍ମିଳନୀରେ ସିଟି ଡିଏସ୍‌ପି ଅଂଶୁମାନ ଦ୍ୱିବେଦୀ ସୂଚନା ଦେଉଛନ୍ତି।

ଏପ୍ରିଲରେ ଭଦ୍ରକ ସହରର ବିଭିନ୍ନ ସ୍ଥାନରେ ସୁନାଚେନ୍ ଛିନ୍ତାଇ ଓ ବାଇକ୍ ଡିକି ଭାଙ୍ଗି ଲୁଟ୍ ଘଟଣାରେ ୩ଜଣଙ୍କୁ ସୋମବାର ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଏଥିରେ ସମ୍ପୃକ୍ତ ଜଣେ ନାବାଳକଙ୍କୁ ଅଟକ ରଖାଯାଇଥିବା ମଙ୍ଗଳବାର ଟାଉନ ଥାନା ପରିସରରେ ଖବରଦାତା ସମ୍ମିଳନୀରେ ସିଟି ଡିଏସ୍‌ପି ଅଂଶୁମାନ ଦ୍ୱିବେଦୀ ସୂଚନା ଦେଇଛନ୍ତି। ପ୍ରକାଶ ଯେ, ଗତ ୧୫ ତାରିଖରେ ସାବରଙ୍ଗ ଥାନା ଅଧୀନ କୋଡ଼ଗମ୍ଭୀରା ଗ୍ରାମର ଗୋକୁଳାନନ୍ଦ ପେଡ଼ାଙ୍କର ଚରମ୍ପା ପଥରଆଡ଼ି ଛକରେ ବାଇକ୍ ଡିକି ଭାଙ୍ଗି ୧ ଲକ୍ଷ ୪୦ ହଜାର ଟଙ୍କା ଲୁଟ୍ ହୋଇଥିଲା। ସେହିପରି ଗତ ୧ ତାରିଖରେ ଜିଲା ମୁଖ୍ୟ ଚିକିତ୍ସାଳୟ ନିକଟ ଏକ ମେଡିସିନ ଦୋକାନ ଆଗରୁ ଧୂଷୁରୀ ଥାନା ଅଧୀନ କୋଠାର ଗ୍ରାମର ଅଭିଜିତ ପୁଷ୍ଟିଆଙ୍କ ବାଇକ୍‌ଡିକି ଭାଙ୍ଗି ଲୁଟେରା ୧ ଲକ୍ଷ ୯୯ ହଜାର ୫ ଶହ ଟଙ୍କା ଲୁଟି ନେଇଥିଲେ। ଦୁଇ ଘଟଣାର ତଦନ୍ତ କରି ଟାଉନ ପୋଲିସ ଭଣ୍ଡାରିପୋଖରୀ ଥାନା ଅଧୀନ ସରସଦା ଗ୍ରାମର ଗୋପୀ ଦାସ ଓ ଧାମନଗର ଥାନା ନୂଆପଡ଼ାର ରାଜେଶ ଦାସଙ୍କୁ କୋର୍ଟଚାଲାଣ କରିଥିବା ବେଳେ ଜଣେ ନାବାଳକଙ୍କୁ ଅଟକ ରଖିଛି। ଏମାନଙ୍କଠାରୁ ନଗଦ ୨୦ ହଜାର ଟଙ୍କା ଜବତ ସହ ଦେଢ଼ଲକ୍ଷ ଟଙ୍କା ଥିବା ଏକ ବ୍ୟାଙ୍କ ଆକାଉଣ୍ଟକୁ ସିଜ୍ କରାଯାଇଛି। ଏହି ଟଙ୍କାରେ କିଣାଯାଇଥିବା ଏକ ନୂଆ ବାଇକ୍ ମଧ୍ୟ ପୋଲିସ ଜବତ କରିଛି।

ସେହିପରି ଭଦ୍ରକ ସହର ସାଲନ୍ଦୀ ନଗରର ଦମୟନ୍ତୀ ପଟ୍ଟନାୟକ ସକାଳ ବୁଲାରେ ଯାଇଥିବା ବେଳେ ବାଇକ୍‌ରେ ୨ ଜଣ ଆସି ତାଙ୍କ ବେକରୁ ସୁନାଚେନ୍ ଝିମ୍ପି ନେଇଥିଲେ। ଗବସାହି ହାଉସିଂ ବୋର୍ଡ କଲୋନୀର ନୀଳିମା ରାୟ ୧୬ ତାରିଖରେ ମର୍ନିଂୱାକ୍‌ରେ ଯାଇଥିବା ବେଳେ ବାଇକ୍‌ରେ ୨ଜଣ ଆସି ସୁନାଚେନ ଲୁଟି ନେଇଥିଲେ। ସେହିଦିନ ଅଷ୍ଟଳ ନରିପୁରର ବିଷ୍ଣୁପ୍ରିୟା ଦାଶ ଘର ଆଗରେ ଫୁଲ ତୋଳୁଥିବା ବେଳେ ଦୁଇଜଣ ବାଇକ୍‌ରେ ଆସି ତାଙ୍କ ବେକରୁ ସୁନାଚେନ ଛିଡ଼ାଇ ନେଇଥିଲେ। ୩ ମାମଲାରେ ଟାଉନ ପୋଲିସ ନୂଆପଡ଼ା ଜିଲା ଖଡିଆଳ ରୋଡର ଜୋଙ୍କ ଥାନା ଅଧୀନ ଧୋବିପଡ଼ା ୧୩ ନଂ ୱାର୍ଡର ନବି ହୋସେନଙ୍କୁ ଗିରଫ କରିଛି। ତାଙ୍କ ପାଖରୁ ୬୨ହଜାର ଟଙ୍କା ଜବତ କରାଯାଇଛି। ଫେରାର ଥିବା ଅନ୍ୟ ଜଣେ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରାଯିବ ବୋଲି ସିଟି ଡିଏସ୍‌ପି କହିଛନ୍ତି। ଥାନାଧିକାରୀ ଉମାଶଙ୍କର ନାୟକ, ସବ୍‌ଇନ୍ସପେକ୍ଟର ଦେବରାଜ ଜେନା ଓ ବିଶ୍ୱମ୍ଭର ନାୟକ ଉପସ୍ଥିତ ଥିଲେ।

## ଟ୍ରକ୍ ଡ୍ରାଇଭର, ହେଲ୍‌ପରଙ୍କଠାରୁ ଲୁଟ୍

ଢେଙ୍କିକୋଟ,୯।୫(ଡି.ଏନ୍.ଏ.)

କେନ୍ଦୁଝର ଜିଲା ଢେଙ୍କିକୋଟ ପୋଲିସ ବିଟ୍ ହାଉସ୍ ଅନ୍ତର୍ଗତ ୨୦ନଂ. ଜାତୀୟ ରାଜପଥର ମା’ ତାରିଣୀ ଟୋଲ୍‌ପ୍ଲାଜା ନିକଟରେ ସୋମବାର ରାତିରେ ଟ୍ରକ୍ ଡ୍ରାଇଭର ଓ ହେଲପରଙ୍କୁ ୩ ଦୁର୍ବୃତ୍ତ ମରଣାନ୍ତକ ଆକ୍ରମଣ କରି ଟଙ୍କା ଛଡ଼ାଇ ନେଇଛନ୍ତି।

ସୂଚନା ଅନୁଯାୟୀ, ଡ୍ରାଇଭର ଆନ୍ଧ୍ରପ୍ରଦେଶ ରାଜମହେନ୍ଦ୍ରି ଗ୍ରାମର ଏସ୍‌କେ ବାଦଶାହ ଓ ହେଲପର ସେକ୍ ସର୍ଫରାଜ ଟ୍ରକ୍‌ର ଡୋର ବନ୍ଦ କରି ଶୋଇଥିଲେ। ବିଳମ୍ବିତ ରାତିରେ ୩ ଦୁର୍ବୃତ୍ତ ଆସି ଟ୍ରକ ଝରକା କାଚ ଭାଙ୍ଗି ଭିତରେ ପଶି ହେଲପର ସେକ ସର୍ଫରାଜଙ୍କ ପ୍ୟାଣ୍ଟ ପକେଟ କାଟି ନଗଦ ୫୦୦୦ ଟଙ୍କା ଓ ଏକ ଆସବାବପତ୍ର ଥିବା ବ୍ୟାଗ ଲୁଟି ନେଇଥିଲେ। ନିଦ ଭାଙ୍ଗିଯିବାରୁ ସର୍ଫରାଜ ପାଟି କରିଥିଲେ ଏବଂ ଦୁର୍ବୃତ୍ତଙ୍କ ସହ ତାଙ୍କର ଧସ୍ତାଧସ୍ତି ହୋଇଥିଲା। ପରେ ୩ ଦୁର୍ବୃତ୍ତ ଡ୍ରାଇଭର ଓ ହେଲପରଙ୍କୁ ପଥର ମାଡ଼ କରି ଆହତ କରିଥିଲେ। ଉକ୍ତ ଟୋଲ୍‌ପ୍ଲାଜା ନିକଟରେ ବାରମ୍ବାର ଲୁଟ୍ ହେଉଥିବା ବେଳେ ପୋଲିସ ପାଟ୍ରୋଲିଂ ହେଉ ନ ଥିବାରୁ ଦୁର୍ବୃତ୍ତଙ୍କ ଉତ୍ପାତ ବଢ଼ି ଚାଲିଥିବା ଅଭିଯୋଗ ହେଉଛି। ଏ ସମ୍ପର୍କରେ ଫାଣ୍ଡି ଅଧିକାରୀ ତରଣୀସେନ ବାଗଙ୍କୁ ପଚାରିବାରୁ ଲୁଟ୍ ବାବଦରେ କେହି ଅଭିଯୋଗ କରିନାହାନ୍ତି ବୋଲି କହିଛନ୍ତି।


ଆହତ ଟ୍ରକ୍ ଡ୍ରାଇଭର ଓ ହେଲ୍‌ପର।

## ଗିରଫ ହେଲେ ସୁଧାର ଗୃହ ସମ୍ପାଦକ

ନାବାଳିକାଙ୍କୁ ଅସଦାଚରଣ ଅଭିଯୋଗ

ସୋର,୯।୫(ଡି.ଏନ.ଏ.)

ବାଲେଶ୍ୱର ଜିଲା ସୋର ମୁବାରକପୁରସ୍ଥିତ ସୁଧାର ଗୃହରେ ଜଣେ ନାବାଳିକାଙ୍କୁ ଅସଦାଚରଣ କରାଯାଇଥିବା ଅଭିଯୋଗ ହୋଇଛି। ଏଥିରେ ସମ୍ପୃକ୍ତ ସୁଧାରଗୃହର ସମ୍ପାଦକଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି।

ଅଭିଯୋଗ ଅନୁଯାୟୀ, ଗଞ୍ଜାମ, ଛତ୍ରପୁର ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଅପହରଣ ହୋଇଥିବା ନେଇ ଛତ୍ରପୁର ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ନାବାଳିକାଙ୍କୁ ସିମୁଳିଆ ପୋଲିସ୍ ଏବଂ ଛତ୍ରପୁର ପୋଲିସ୍ ସିମୁଳିଆ ଅଞ୍ଚଳରୁ ଉଦ୍ଧାର କରି ସୋର ମୁବାରକପୁରସ୍ଥିତ ସୁଧାର ଗୃହରେ ରଖିଥିଲେ। ପରେ କୋର୍ଟରେ ବିଚାରପତିଙ୍କ ସାମ୍ନାରେ ସୁଧାର ଗୃହ ସମ୍ପାଦକ ଅସଦାଚରଣ କରିଥିବା ସ୍ୱୀକାର କରିଥିଲେ। ବିଚାରପତିଙ୍କ ନିର୍ଦ୍ଦେଶକ୍ରମେ ଛତ୍ରପୁର ପୋଲିସ ବାଲେଶ୍ୱର ଏସ୍‌ପିଙ୍କୁ ଜଣାଇଥିଲେ। ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ସୋର ଆଇଆଇସି ସୁଜାତା ଖମାରୀ ପୋକ୍‌ସୋ ଆକ୍ଟରେ ମାମଲା ରୁଜୁ କରି ସମ୍ପାଦକ ତଥା ପରିଚାଳକ ପ୍ରଦୀପ କୁମାର ଦାସଙ୍କୁ ଗିରଫ କରି କୋର୍ଟଚାଲାଣ କରିଛନ୍ତି। ମହିଳା ଏବଂ ନାରୀଙ୍କ ସୁରକ୍ଷା ପାଇଁ ସରକାର ସୁଧାର ଗୃହର ବ୍ୟବସ୍ଥା କରିଥିବା ବେଳେ ଏପରି ଘଟଣା ସୁରକ୍ଷା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ପାଣି ସମସ୍ୟା: ଗରା, ବାଲ୍‌ଟି ଧରି ଧାରଣା


ପଞ୍ଚାୟତ ଅଫିସ ସମ୍ମୁଖରେ ଗ୍ରାମବାସୀଙ୍କ ବିକ୍ଷୋଭ।

ରୂପସା, ୯।୫(ଡି.ଏନ.ଏ.)

ବାଲେଶ୍ୱର ଜିଲା ବସ୍ତା ବ୍ଲକ ଅଧୀନ କୁଡ଼ିଆ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ପିଇବା ପାଣି ପାଇଁ ଗରା, ବାଲଟି ରଖି ଶତାଧିକ ମହିଳା, ପୁରୁଷ ମଙ୍ଗଳବାର ଧାରଣାରେ ବସିଛନ୍ତି। ପାନୀୟଜଳ ସମସ୍ୟା ସମାଧାନ ନ ହେଲେ ଆନ୍ଦୋଳନ ଜୋରଦାର ହେବ ବୋଲି ଚେତାବନୀ ଦିଆଯାଇଛି।

ପଞ୍ଚାୟତ ଅଧୀନରେ ଥିବା କୁଡ଼ିଆ–୧, କୁଡ଼ିଆ–୨, ମାଛିଆ, ବେଲା–୧, ବେଲା–୨ ଏହି ୫ଟି ୱାର୍ଡ଼ରେ ୩ ହଜାରରୁ ଅଧିକ ଲୋକ ବସବାସ କରନ୍ତି। ଏହି ୫ଟି ୱାର୍ଡ଼ରେ ୬ଟି ସରକାରୀ ନଳକୂପ ରହିଥିଲେ ମଧ ଭୂତଳ ଜଳସ୍ତର ହ୍ରାସ ଯୋଗୁ ସେଗୁଡ଼ିକ ଅଚଳ ହୋଇଯାଇଛି। ଫଳରେ ଗାଁ ଲୋକଙ୍କୁ ପିଇବା ପାଣି ଯୋଗାଇବା ପାଇଁ ବସୁଧା ଯୋଜନାରେ ଗୋଟିଏ ଓଭରହେଡ୍ ପାଣି ଟାଙ୍କି ନିର୍ମାଣ ହୋଇଥିଲା। ମାତ୍ର ଗତ ୩ମାସ ଧରି ସେଥିରୁ ଗୋଳିଆ ପାଣି ବାହାରୁଥିବାରୁ ଲୋକମାନେ ପାଣି ପାଇଁ ନାନା ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି। ଏନେଇ ଗ୍ରାମବାସୀ ସରପଞ୍ଚଙ୍କଠାରୁ ଆରମ୍ଭ କରି ବିଭାଗୀୟ ଅଧିକାରୀଙ୍କ ନିକଟରେ ବାରମ୍ବାର ଅଭିଯୋଗ କରିଥିଲେ ମଧ କୌଣସି ସୁଫଳ ମିଳିନାହିଁ। ଗ୍ରାମର ଶତାଧିକ ମହିଳା ଗରା, ବାଲ୍‌ଟି ରଖି ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ପକାଇ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିବା ସହିତ ଟାଙ୍କି ଘରେ ମଧ ତାଲା ପକାଇଛନ୍ତି। ସମସ୍ୟା ସମାଧାନ ନ ହେବା ପର୍ଯ୍ୟନ୍ତ ପଞ୍ଚାୟତ କାର୍ଯ୍ୟାଳୟ ଖୋଲିବାକୁ ଦେବେ ନାହିଁ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କୁ ପଚାରିବାରୁ ସେ ଟାଙ୍କିରୁ ଅଧିକ ଆଇରନ୍‌ଯୁକ୍ତ ପାଣି ବାହାରୁଥିବାରୁ ପାଣି ଗୋଳିଆ ହେଉଛି। ଖୁବ୍‌ଶୀଘ୍ର ସମସ୍ୟାର ସମାଧାନ କରାଯିବ ବୋଲି ସେ କହିଛନ୍ତି।

### ସକାଳ ହେଲେ ପାଣି ପାଇଁ ପ୍ରତିଯୋଗିତା

ଲଙ୍ଗଳେଶ୍ୱର, ୯।୫(ଡି.ଏନ.ଏ.)- ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ କୁଣ୍ଡୁଳି ପଞ୍ଚାୟତ ମହାପଦା ଗ୍ରାମରେ ଟୋପାଏ ପାଣି ପାଇଁ ୫୦ ପରିବାର ଡହଳବିକଳ ହେଉଛନ୍ତି। ଏହି ଗ୍ରାମର ଲୋକଙ୍କୁ ପାଇଁ ପିଇବା ପାଣି ସାଜିଛି ମୁଖ୍ୟ ସମସ୍ୟା। ଗ୍ରାମରେ ୨ଟି ସରକାରୀ ନଳକୂପ ରହିଥିଲେ ମଧ ୪ବର୍ଷ ହେବ ଗୋଟିଏ ଅଚଳ ହୋଇପଡିଛି। ଆଉ ଗୋଟେ ୬ ମାସ ହେଲା ଅଚଳ ରହିଛି। ପ୍ରକଳ୍ପରୁ ଗୋଟିଏ ଟ୍ୟାପ୍ ସାହାଯ୍ୟରେ ଗାଁ ପର୍ଯ୍ୟନ୍ତ ପାଣି ସରପଞ୍ଚ ବ୍ୟବସ୍ଥା କରିଛନ୍ତି। ଫଳରେ ସକାଳ ୭ଟାରୁ ଏହି ଟ୍ୟାପ ନିକଟରେ ପାଣି ପାଇଁ ପ୍ରତିଯୋଗିତା ଲାଗେ ବୋଲି ଗ୍ରାମବାସୀ କହିଛନ୍ତି। ଏହାର ସ୍ଥାୟୀ ସମାଧାନ ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ଆଗକୁ ସମସ୍ୟର ସମାଧାନ ନ ହେଲେ ବ୍ଲକ ଆଗରେ ଧାରଣାରେ ବସିବେ ବୋଲି ଦାବି କରିଛନ୍ତି।

ସେଲ୍‌ଫି କର୍ନର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

balasoreselfie@gmail.com


@ବିବେକ


@ଲକ୍ଷ୍ମୀଧର


@ପୁଷ୍ପା

ସେଲ୍ଫି ସହ ନିଜର ନାମ ଓ ମୋବାଇଲ୍ ନମ୍ବର ଉଲ୍ଲେଖ କରନ୍ତୁ।

## ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ସ୍ମାରକପତ୍ର



ଜିଲାପାଳଙ୍କୁ ସ୍ମାରକପତ୍ର ଦେବାକୁ ଆସିଥିବା ଅବସରପ୍ରାପ୍ତ ସରକାରୀ କର୍ମଚାରୀମାନେ।

କେନ୍ଦୁଝର, ୯।୫ (ଡି.ଏନ୍.ଏ./ସ୍ୱ.ପ୍ର.)

କେନ୍ଦୁଝର ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ପକ୍ଷରୁ ୯ ଦଫା ଦାବି ସମ୍ବଳିତ ସ୍ମାରକପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ଏନେଇ ଆବାହକ ପୂର୍ଣ୍ଣଚନ୍ଦ୍ର ରାଉତ ଏକ ପ୍ରେସ୍ ନୋଟରେ ପ୍ରକାଶ କରିଛନ୍ତି। ଚିକିତ୍ସା ଭତ୍ତା, ସୁବିଧା, ପେ–ମାଟ୍ରିକ ଆଧାରରେ ପେନ୍‌ସନର ଥିବା ତ୍ରୁଟି ସଂଶୋଧନ, ଅତିରିକ୍ତ ପେନ୍‌ସନ ୬୫ ବର୍ଷରୁ ଲାଗୁ, ସର୍ବନିମ୍ନ ପେନ୍‌ସନ କେନ୍ଦ୍ର ଅନୁରୂପ ୯ ହଜାର ଟଙ୍କା ଧାର୍ଯ୍ୟ କରି ତାହାକୁ ଇପିଏଫ୍ ପେନ୍‌ସନରଙ୍କୁ ପ୍ରଦାନ କରିବା, ପିଜିପିଏ ବିଭାଗ ପୁନଃ ଅବସ୍ଥାପିତ, ବରିଷ୍ଠ ନାଗରିକ ପେନ୍‌ସନଧାରୀଙ୍କ ନିମନ୍ତେ ପୂର୍ବ ଭଳି ରେଳ ଯାତ୍ରାରେ ରିହାତି ଲାଗୁ, କରୋନା ସମୟର ୧୮ମାସର ଏରିଅର ସହ ୨୦୨୩ ଜାନୁଆରୀରୁ ୪% ମହଙ୍ଗା ଭତ୍ତା, କମୁଟେସନ ବାବଦ ଦେୟର ଅବଧି ୧୨ବର୍ଷକୁ ହ୍ରାସ ଆଦି ଦାବି କରାଯାଇଛି। ମହାତ୍ମା ଦେହୁରୀ, ନୀଳମଣି ପାଣିଗ୍ରାହୀ, ଅଶୋକ ବେହେରା, ପୂର୍ଣ୍ଣଚନ୍ଦ୍ର ଦାସ, ମୁରଲୀଧର ଜେନା, ପବିତ୍ର ପାତ୍ର, କୈଳାସ ଚନ୍ଦ୍ର ପରିଡ଼ା, ଜୀବନ ବେହେରାଙ୍କ ସହ ଜିଲାର ବିଭିନ୍ନ ବିଭାଗର ଅବସରପ୍ରାପ୍ତ କର୍ମଚାରୀ ସ୍ମାରକପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।

## ‘ସୁରଥ ବିଶ୍ୱାଳ ଥିଲେ ଭଦ୍ରକ ମାଟିର ମହକ’

ଆରଡ଼ି, ୯।୫ (ଡି.ଏନ.ଏ.)

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ଅଧୀନ ମଠଡିହ ନୋଡାଲ ଉଚ୍ଚ ବିଦ୍ୟାଳୟରେ ଦିବଂଗତ ଭେଷଜ ବିଶେଷଜ୍ଞ ଡା. ସୁରଥ ବିଶ୍ୱାଳଙ୍କ ସ୍ମୃତିସଭା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ମୋ ସ୍କୁଲ ଅଭିଯାନ କମିଟି ସଭାପତି ଦୀପ୍ତି ରଞ୍ଜନ ନାୟକଙ୍କ ସଞ୍ଚାଳନାରେ ଆୟୋଜିତ ସଭାରେ ପ୍ରଧାନ ଶିକ୍ଷୟିତ୍ରୀ ବନିତା ପୃଷ୍ଟି, ଶିକ୍ଷକ ରଞ୍ଜିବ କୁମାର ରାଉତ, ଦୀପ୍ତି ରଞ୍ଜନ ଖିଲାର, ବିଭୁଦତ୍ତ ମିଶ୍ର, ଅବସରପ୍ରାପ୍ତ ଶିକ୍ଷକ ଲଚ୍ଛମନ ନାୟକ, ରକ୍ଷାକର ବିଶ୍ୱାଳ, କହ୍ନେଇ ଚରଣ ବିଳାସ, ବିମ୍ବାଧର ନାୟକ, ଗଦାଧର ନାୟକ, ବିଦ୍ୟାଳୟ ଶିକ୍ଷା ପରିଚାଳନା କମିଟିର ପୂର୍ବତନ ଅଧ୍ୟକ୍ଷ ନରେନ୍ଦ୍ର ବିଶ୍ୱାଳ, ଶଶାଙ୍କ ଶେଖର ବେହୁରିଆ, ପୂର୍ବତନ ଛାତ୍ର ସୁବାସ ବେହୁରିଆ, ପ୍ରତାପ ନାୟକ, ମୋ ସ୍କୁଲ ଅଭିଯାନ କମିଟି ସଦସ୍ୟ ସତ୍ୟଜିତ ପଲାଇ, ଦେବେନ୍ଦ୍ର ବିଶ୍ୱାଳ ପ୍ରମୁଖ ସ୍ମୃତିଚାରଣ କରିଥିଲେ। କୁଳେଇପଦା ମାଟିରେ ଜନ୍ମ ନେଇଥିବା ଡା. ବିଶ୍ୱାଳଙ୍କର ଅବଦାନ ଅତୁଳନୀୟ। ସେ ଭଦ୍ରକ ମାଟିର ମହକ ଥିଲେ ବୋଲି ସଭାରେ କୁହାଯାଇଥିଲା। ଏହି ଅବସରରେ ସ୍ୱର୍ଗତ ବିଶ୍ୱାଳଙ୍କ ସାନଭାଇ ବିଭୁଦତ୍ତ ବିଶ୍ୱାଳ ଓ ପୁତ୍ର ଜିତେନ୍ଦ୍ର ବିଶ୍ୱାଳ ବିଦ୍ୟାଳୟରେ ମେଧାବୀ ଛାତ୍ରୀଛାତ୍ରଙ୍କୁ ପ୍ରତିବର୍ଷ ଡା. ସୁରଥ ବିଶ୍ୱାଳ ମେଧାବୃତ୍ତି ପ୍ରଦାନ କରାଯିବ ବୋଲି ଘୋଷଣା କରିଥିଲେ।


ମଠଡିହ ନୋଡାଲ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ସ୍ମୃତିସଭା।

